# Akashvani, Sambalpur

## SAMBALPURI NEWS EVENING BULLETIN

**28 March 2025- 7.02 pm- 7.12 pm.**

*********************************************

୧- କେନ୍ଦ୍ର ସର୍କାରୀ କର୍ମଚାରୀମାନ୍କର୍ ୨ ପ୍ରତିଶତ୍ ମହଙ୍ଗାଭତା ବଢ଼ାଲେ କେନ୍ଦ୍ର ସର୍କାର୍ ।

୨- ବିଧାନ୍ସଭା ବଜେଟ୍ ଅଧିବେଶନ୍ର ଆଝିର୍ ଗୃହକାର୍ଯ୍ୟ ରହିଥିଲା ସ୍ୱାଭାବିକ୍ ।

- ବନ୍ଦ୍ ହେଇଥିବା ବିଦ୍ୟାଲୟମାନ୍କୁ ଖୁଲ୍ବାର୍ ଲାଗି ପ୍ରସ୍ତାବ୍ ଆସ୍ଲେ ପଦକ୍ଷେପ୍ ନେବେ ସର୍କାର୍; ସୂଚ୍ନା ଦେଲେ ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ।

୩- କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ନ ଆଏବା ରଏବାର୍ ଦିନ ଅନ୍ତ୍ୟୋଦୟ ଗୃହ ଯୋଜ୍ନାର୍ ଶୁଭାରମ୍ଭ କର୍ବେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍ନା ଅଧୀନ୍ଥି ଆଏବା କାଏଲ୍ ସମ୍ବଲ୍ପୁର୍ନୁ ବାରଣାସୀକେ ମୁଲ୍ ହେବା ଯାତ୍ରା ।

ମହଙ୍ଗାଭତା  ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି କେନ୍ଦ୍ର ସର୍‌କାରୀ କର୍ମଚାରୀମାନ୍‌କର୍ ଲାଗି ୨ ପ୍ରତିଶତ୍ ମହଙ୍ଗାଭତା ବୃଦ୍ଧିକେ ଅନୁମୋଦନ୍ ମିଲିଛେ । ପେନ୍‌ସନ୍ ଭୋଗୀମାନ୍‌କର୍ ଲାଗି ମହଙ୍ଗା ସାହାଜ୍‌ର ଅତିରିକ୍ତ କିସ୍ତି ଜାରି କର୍‌ବାର୍ ପ୍ରସ୍ତାବ୍‌କେ ଭିଲ୍ କେନ୍ଦ୍ର କେବିନେଟ୍ ମଞ୍ଜୁରୀ ଦେଇଛନ୍ । ଇ ବର୍ଦ୍ଧିତ ଭତା ପିଛିଲା ଭାବେ ଗଲା ଜାନୁଆରୀ ମାସୁ ଲାଗୁ ହେବା । ଇହାଦେର୍ ମୂଳବେତନ ଆର୍ ପେନ୍‌ସନ୍ ଉପ୍‌ରେ ୨ ପ୍ରତିଶତ୍ ବଢ଼ାଯାଇକରି ୫୩ ନୁ ୫୫ ପ୍ରତିଶତ୍ କରାଯାଇଛେ । ଇଥିର୍‌ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ୪୮ ଲାଖ୍ ୬୬ ହଜାର୍ କର୍ମଚାରୀଙ୍କର୍ ସହେତେ ୬୬ ଲାଖ୍ ୫୫ ହଜାର୍ ପେନ୍‌ସନ୍ ଭୋଗୀ ଲାଭ୍ ପାଏବେ । କେନ୍ଦ୍ରୀୟ ରାଜକୋଷ୍‌ନୁ ଇଥିର୍‌ଲାଗି ବଛର୍‌କ ୬ ହଜାର୍ ୬ ଶହ ୧୪ କୋଟିନୁ ଅଏତ୍‌କା ଟଙ୍କାର୍ ଅତିରିକ୍ତ ଖର୍ଚ୍ଚା ହେବା ।

ବିଧାନ୍‌ସଭା  ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୧୫ ନମ୍ବର୍ ଦିନେ ଗୃହକାର୍ଯ୍ୟ ସ୍ୱାଭାବିକ୍ ଭାବେ ଚାଲିଛେ । ପ୍ରଶ୍ନୋତର୍ ଆଉ ଶୂନ୍ୟକାଳ ଭିଲ୍ ଠିକ୍ ଭାବେ ଚାଲିଥିଲା । ବିଜୁ ଜନତା ଦଲ୍ ଆଉ

ଭାରତୀୟ ଜନତା ପାର୍ଟିର୍ ସଦସ୍ୟ ମାନେ ସେମାନ୍କର୍ ଦର୍ମା ଆଉ ପେନ୍ସନ୍ ବୃଦ୍ଧିକେ ନେଇକରି ବାଚସ୍ପତିଙ୍କର୍ ଦୃଷ୍ଟି ଆକର୍ଷଣ୍ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଆଉ ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୃହ ନ ମହିଳା ଆଉ ଶିଶୁବିକାଶ୍, ମିଶନ୍ ଶକ୍ତି ଆଉ ପର୍ଯ୍ୟଟନ୍ ବିଭାଗ୍ର ଖର୍ଚ୍ଚା ଦାବିକେ ଆଗତ୍ କରିଥିଲେ । ଗଣଶିକ୍ଷା ବିଭାଗ୍ ତର୍ଫୁ ଆଲୋଚନାଥି ଭାଗ୍ ନେଇକରି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଘର୍ ସର୍କାର୍ ୫ ହଜାର୍ ୬ ଶହ ୩୨ ଟା ବିଦ୍ୟାଲୟକେ ବନ୍ଦ୍ କରିଥିଲେ ବଲି କହିଥିଲେ । ଇ ବିଦ୍ୟାଲୟମାନ୍କୁ ଫେର୍ଘାଏ ଖୁଲ୍ବାର୍କେ ନେଇକରି ପ୍ରସ୍ତାବ୍ ଆସ୍ଲେ ସର୍କାର୍ ସେଥିର୍ଲାଗି ପଦକ୍ଷେପ୍ ନେବେ ବଲି ମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

କେନ୍ସି ପିଲା ଯେନ୍ତା ପାଠ୍ପଢ଼ାନୁ ବଂଚିତ୍ ନାଇଁହେବେ ସେଥିର୍ଲାଗି ସର୍କାର୍ ସବୁ ଚେରେଷ୍ଟା କରୁଛନ୍ ବଲି ମନ୍ତ୍ରୀ ଗୃହ ନ ସୂଚ୍ନା ଦେଇଛନ୍ । ଶହେ ମିଟର୍ ଦୂରିଆ ଭିତ୍ରେ ଥିବା ୨ ହଜାର୍ ଶହେ ୫୨ ଟା ବିଦ୍ୟାଲୟକେ ମିଶାଯାଇଛେ ।

ବ୍ଲକ୍ଗ୍ରାଂଟ୍ ଆର୍ ପୁରା ଅନୁଦାନ୍ ପାଇଥିବା ବିଦ୍ୟାଲୟମାନ୍କେ ଯେନ୍ ଶିକ୍ଷକ୍ ଆର୍ ଅଲ୍ଗା କର୍ମଚାରୀମାନ୍କର୍ ପଦ୍ବୀ ଖାଲି ପଡ଼ିଛେ । ସେସବୁକେ ଇହାଦେ ଚୁକ୍ତିଭିତିଥି ପୂରଣ୍ କରାଯିବା ବଲି ମନ୍ତ୍ରୀ କହିଛନ୍ । ଇହାଦେ ସର୍କାର୍ ୧୮ ହଜାର୍ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ ଆଉ ଆଏବା ଦିନେ

ଆଉ ୧୦ ହଜାର୍ ଶିକ୍ଷକ୍ ନିଯୁକ୍ତି ପାଏବେ । ଆଉଗୁଟେ ପ୍ରଶ୍ନର୍ ଉତର୍ଥି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍, ରାଜ୍ୟର୍ ୧୫ ଟା ବିଶ୍ୱବିଦ୍ୟାଲୟ ନ ୨୦ ହଜାର୍ ୫ ଶହ ୪୦ ଝନ୍ ଛାତ୍ରୀ ପଢୁଛନ୍ ଆଉ ବିଶ୍ୱବିଦ୍ୟାଲୟମାନ୍କର୍ ସର୍ବାଙ୍ଗୀନ ବିକାଶ୍ ଲାଗି ଆଏବା ଆର୍ଥିକ୍ ବଛ୍‌ରେ ୩ ଶହ ୭୫ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ । ଖେଲ୍ କ୍ଷେତ୍ର ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍ଥି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍, ରାଜ୍ୟର୍ ୩ ଶହ ୧୪ ଟା ବ୍ଲକ୍‌ଥି ଷ୍ଟାଡ଼ିୟମ୍ ତିଆର୍ କରାଯାଉଛେ । ସ୍ଥାନୀୟ ଖେଲାଲୀମାନ୍କର୍ ଆବଶ୍ୟକତାକେ ନଜର୍ଥି ରଖିକରି ବ୍ଲକସ୍ତର୍ଥି ସମନ୍ୱିତ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଥାପ୍‌ନା କରାଯିବା ଆଉ ଗାଁ ଇଲାକାମାନ୍କେ ଇଥିର୍‌ଲାଗି ସର୍‌କାର୍ ୫ ବଛ୍‌ରେ ୪ ହଜାର୍ ଶହେ ୨୬ କୋଟି ଟଙ୍କା ଖର୍ଚ୍ଚା କର୍‌ବେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ବିଧାନ୍‌ସଭା-ଗଣଶିକ୍ଷାମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ପ୍ରାଥମିକ ସ୍ତର୍ଥି ୨ ପ୍ରତିଶତ୍, ଉଚ୍ଚମାଧମିକ୍ ସ୍ତର୍ ନ ୧୨ ଦଶ୍‌ମିକ୍ ୮ ପ୍ରତିଶତ୍ ଛାତ୍ରଛାତ୍ରୀ ପାଠ୍‌ପଢ଼ା ଛାଡୁଛନ୍ ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନ୍‌ସଭା ନ କହିଛନ୍ । ଜାତୀୟ ହାର ଠାନୁ ରାଏଜେ ପ୍ରାଥମିକ ଆଉ ଉଚ୍ଚମାଧମିକ୍ ସ୍ତର୍ଥି ପାଠ୍‌ପଢ଼ା ଛାଡୁଥିବା

ଛୁଆଙ୍କର୍ ସଂଖ୍ୟା କମ୍ ରହିଛେ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚ୍ନା ଦେଇଛନ୍ ।

ପ୍ରଦୀପ୍ ଜେନା-ଓଇଆର୍‌ସି ଆର୍‌ଏନ୍‌ୟୁ/ ସମ୍ୱଲପୁର

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ୍- ଓଇଆର୍‌ସି ର ନୂଆଁ ଅଧ୍ୟକ୍ଷ ଭାବେ ଆଘର୍ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ ଜେନାଙ୍କୁ ନିଯୁକ୍ତି ଦିଆଯାଇଛେ । ଶକ୍ତି ବିଭାଗ୍ ତର୍‌ଫୁ ଆଏଜ୍ ଶ୍ରୀ ଜେନାଙ୍କର୍ ନିଯୁକ୍ତି ବାବଦ୍ ବିଜ୍ଞପ୍ତି ବାହାରିଛେ । ଇନ ଜନେଇ ଦିଆଯାଇପାରେ ଯେ, ସୁରେଶ୍ ମହାପାତ୍ର ଓଇଆର୍‌ସି ପଦ୍‌ନୁ ଅବସର୍ ନେଲା ଉତ୍‌ରୁ ଇ ପଦ୍‌ବୀ ଖାଲି ପଡ଼ିଥିଲା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୦ ନମ୍ୱର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଖୋର୍ଦ୍ଧା ରୋଡ୍ ରେଲ୍‌ମଣ୍ଡଲ-ମାଲ୍ ପରିବହନ୍/ଖୋର୍ଦ୍ଧା ସମ୍ବାଦଦାତା

ଖୋର୍ଦ୍ଧା ରୋଡ୍ ରେଲ୍‌ମଣ୍ଡଲ୍ ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ୩୦ କୋଟି ମେଟ୍ରିକ୍ ଟନ୍ ମାଲ୍ ପରିବହନ୍ ପରିଚାଲନା କରିକରି ରେକର୍ଡ଼ କରିଛେ । ଭାରତୀୟ ରେଲ୍‌ବାଇର୍ ଅଲ୍‌ଗା କେନ୍‌ସି ଡିଭିଜନ୍ ଇହାଦେତକ୍ ଏତ୍‌କି ପରିମାଣ୍‌ର ମାଲ୍ ପରିବହନ୍ ନାଇଁକରି । ଇଟା ଭାରତୀୟ ରେଲ୍‌ବାଇର୍ ପହେଲା ଡିଭିଜନ୍ ଯେନ୍‌ଟା ଇ ଉପଲବ୍ଧି ହାସଲ୍ କରିଥିବାର୍ ଜନାପଡ଼ିଛେ ।

ଯୁକ୍ତ ଦୁଇ ଖାତାଦେଖା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷାର୍ ପହେଲା ଖେପ୍ ଖାତାଦେଖା ଆଏବା ମାସ ୨ ତାରିଖ୍‌ନୁ ୧୪ ତାରିଖ୍‌ତକ୍ ଆଉ ୨ ନମ୍ବର୍ ଖେପ୍ ୧୬ ନୁ ୨୮ ତାରିଖ୍‌ତକ୍ ହେବା । ଖାତାଦେଖା ଲାଗି ୧୬ ହଜାର୍ ଅଧ୍ୟାପକ୍‌ଙ୍କୁ ନିଯୁକ୍ତି ଦିଆଯାଇଛେ । ଇଥିର୍‌ଲାଗି ୭୮ ଟା ଅଫ୍‌ଲାଇନ୍ ଆଉ ୭୦ ଟା ଅନ୍‌ଲାଇନ୍ କେନ୍ଦ୍ର ଖୁଲାଯାଇଛେ । ମେ ମାସ ୧୫ ତାରିଖ୍‌ତକ୍ ଯୁକ୍ତ ଦୁଇ ପରୀକ୍ଷାର୍ ଫଲାଫଲ୍ ବାହାର୍‌ବା ବଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନେପାଲୀ ଛାତ୍ରୀ ମୃତ୍ୟୁ ଘଟ୍‌ନା        ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଘରୋଇ ବିଶ୍ୱବିଦ୍ୟାଳୟ ନ ନେପାଲୀ ଛାତ୍ରୀର୍ ଜୀବନ୍  ଯିବାର୍ ଘଟ୍‌ନାଥି ଜାତୀୟ ମାନବାଧିକାର୍ କମିଶନ୍- ଏନ୍.ଏଚ୍.ଆର୍.ସି. ଆଏବା ୪ ହପ୍ତା ଭିତ୍‌ରେ କାର୍ଯ୍ୟାନୁଷ୍ଠାନ୍ ରିପୋର୍ଟ ଦାଖଲ୍ କର୍‌ବାର୍ ଲାଗି ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ଘଟ୍‌ନାଥି ଏନ୍‌ଏଚ୍‌ଆର୍‌ସି ରିପୋର୍ଟ ଉପ୍‌ରେ ପ୍ରତିକ୍ରିୟା ଦେଇକରି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍, କମିଶନ୍ ଇତାର୍ ବାବ୍‌ଦେ

ଯେନ୍ ମନ୍ତବ୍ୟ ଦେଇଛନ୍, ସେଥିର୍ଲାଗି ସର୍କାର୍ ଦର୍କାରୀ ପଦକ୍ଷେପ୍ ନେବେ ।

ଅନ୍ତ୍ୟୋଦୟ ଗୃହ ଯୋଜ୍ନା କଲାହାଣ୍ଡି ସମ୍ବାଦଦାତା

ରାଜ୍ୟ ସର୍କାର୍ ଆଏବା ରଏବାର୍ ଦିନ କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଠାନେ ଅନ୍ତ୍ୟୋଦୟ ଗୃହ ଯୋଜ୍ନାର୍ ଶୁଭାରମ୍ଭ କର୍ବେ । ଇ ବାବ୍ଦେ ଭବାନୀପାଟ୍ନା ଠାନେ ବିଜେପି ତର୍ଫୁ ହେଇଥିବା ସାମ୍ବାଦିକ୍ ସମ୍ମିଲନୀର୍ ସୂଚ୍ନା ଅନ୍ସାରେ, ଗରିବି ସୀମାରେଖା ତଲେ ରହୁଥିବା ଗରିବ୍ ପରିବାର୍କେ ପକ୍କା ଘର୍ ଯୁଗାବାର୍ ଲାଗି ରାଜ୍ୟ ସର୍କାର୍ ଆଏବା ଆର୍ଥିକ୍ ବଛ୍ରେ ବଜେଟ୍ଥି ୭ ହଜାର୍ ୫ ଶହ ୫୦ କୋଟି ଟଙ୍କାର୍ ବ୍ୟୟବରାଦ୍ କରିଛନ୍ । ଇ ବଛର୍ ୫୦ ହଜାର୍ନୁ ଅଏତ୍କା ହିତାଧିକାରୀଙ୍କୁ ଇ ଯୋଜ୍ନା ଅଧୀନ୍ଥି ପକ୍କା ଘର୍ ଦିଆଯବାର୍ ଲାଗି ୨ ହଜାର୍ ୬ ଶହ ୩ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । କମ୍ କମାନୀ ଥିବା ପରିବାର୍ ଲୁକ୍କୁ ଅନ୍ତ୍ୟୋଦୟ ଗୃହ ଯୋଜ୍ନାଥି ମାହାଲିଆ ଘର୍ ଯୁଗେଇ ଦିଆଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ କଲାହାଣ୍ଡି ଜିଲ୍ଲା ଗସ୍ତ ସମିଆଥି ପାଖାପାଖି ୫ ଶହ କୋଟି ଟଙ୍କାର୍ ନୂଆଁ ପ୍ରକଳ୍ପ ଶିଳାନ୍ୟାସ୍ ଆଉ ଉଦ୍ଘାଟନ୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବରିଷ୍ଠ ନାଗରିକ୍ ତୀର୍ଥ ଯାତ୍ରା ଯୋଜ୍ନା   ସମ୍ବଲପୁର୍ ସମ୍ବାଦଦାତା

ବରିଷ୍ଠ ନାଗରିକ୍ ତୀର୍ଥ ଯାତ୍ରା ଯୋଜ୍ନା ଅଧୀନଥି ଆଏବାକାଏଲ୍ ସମ୍ବଲ୍ପୁର୍ନୁ ଅଯୋଧ୍ୟା ବାରାଣାସୀକେ ଯାତ୍ରା ମୁଲ୍ ହେବା । ସମ୍ବଲପୁର୍ନୁ ୭ ଶହ ୭୫ ଝନ୍ ଯାତ୍ରୀଙ୍କର୍ ଲାଗି ଖାଏବାର୍ ଦରବ୍ ପିଇବାର୍ ପାଏନ୍ ଆଉ ଆଶ୍ରୟସ୍ଥଲୀର୍ ବ୍ୟବସ୍ଥା କରାଯାଇଛେ । ସେଥି ସମ୍ବଲ୍ପୁର୍ ଜିଲ୍ଲାନୁ ୮୯ ଝନ୍ ଯାତ୍ରୀ ସାମିଲ୍ ଅଛନ୍ ।

ଖାଉଟି ଅଧିକାର୍ ଦିବସ        ସମ୍ବଲ୍ପୁର୍ ସମ୍ବାଦଦାତା

ଧନୁପାଲି ସରସ୍ୱତୀ ଶିଶୁବିଦ୍ୟାମନ୍ଦିର୍ ଠାନେ ଖାଉଟି ଅଧିକାର୍ ଦିବସ୍କେ ନେଇକରି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଯୁଗ୍ମ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ୍ ସମ୍ବଲ୍ପୁର୍ କାର୍ଯ୍ୟାଲୟ ତର୍ଫୁ ହେଇଥିବା କାର୍ଯ୍ୟକ୍ରମ୍ଥି ଖାଉଟିମାନ୍କର୍ ଲାଗି ଥିବା ଅଧିକାର୍ ବାବ୍ଦେ ଛାତ୍ରଛାତ୍ରୀମାନ୍କୁ ବୁଝାଯାଇଥିଲା । ଇତାର୍ଛଡ଼ା ଭିନ୍ ଭିନ୍ ପ୍ରକାରର୍ ଡିଜିଟାଲ୍ ଠକେଇ ବାବ୍ଦେ ଭିଲ୍ ସେମାନ୍କୁ ସଚେତନ୍ କରାଯାଇଥିଲା ।

ସଚେତନତା ଶିବିର୍       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍ନା ଜିତାମିତ୍ର ହାଇସ୍କୁଲ୍ ପରିସର୍ ନ ନୂଆଁ ଅପ୍ରାଧ୍ ଆଇନ୍ର କାର୍ଯ୍ୟକାରିତା ଆଉ ନିଶା ନିବାରଣ୍ ସଚେତନତା ଶିବିର ହେଇଯାଇଛେ । କୋମ୍ନା ଥାନା ଅଧିକାରୀ ଇ ଶିବିର୍ଥି ଯୋଗ୍ ଦେଇକରି ନୂଆଁ ଅପରାଧ୍ ଆଇନ୍ର କାର୍ଯ୍ୟକାରିତା ଉପ୍ରେ ମତ ରଖିବାର୍ ସହେତେ ନିଶାମୁକ୍ତ ସମାଜ୍ ଲାଗି ଆହ୍ବାନ୍ ଦେଇଥିଲେ ।

ଅନ୍ତ୍ୟୋଦୟ ଗୃହ ଯୋଜ୍ନା-ପ୍ରସ୍ତୁତି ବୈଠକ  ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମୁର୍ଷୁଣ୍ଡି ଠାନେ ଜିଲ୍ଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜ୍ନାର୍ ଶୁଭାରମ୍ଭ ଲାଗି ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ମୁର୍ଷୁଣ୍ଡି ଖେଲ୍ପଡ଼ିଆଠାନେ ହେବାର୍କେ ଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ଆଏବା ରଏବାର୍ ଦିନ ମୁଲ୍ ହେବା ।

ଆୟୁଷ୍ମାନ୍ ଭାରତ୍ କାର୍ଯ୍ୟକ୍ରମ  ବୌଦ୍ଧ ସମ୍ବାଦଦାତା

ଆଏବା ଏପ୍ରିଲ୍ ୧ ତାରିଖ୍ନୁ ରାଏଜେ ଆୟୁଷ୍ମାନ୍ ଭାରତ୍ କାର୍ଯ୍ୟକ୍ରମ୍ ମୁଲ୍ ହେବା । ଇ ଯୋଜ୍ନାଥି କେନ୍ଦ୍ର ସର୍କାର୍ଙ୍କର୍

ଆୟୁଷ୍ମାନ୍ ଭାରତ୍, ପ୍ରଧାନ୍‌ମନ୍ତ୍ରୀଙ୍କର ଜନଆରୋଗ୍ୟ ଯୋଜ୍‌ନା ଆର୍ ରାଜ୍ୟ ସର୍‌କାର୍‌ଙ୍କର୍ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ମିଲିତ୍ ଭାବେ କାର୍ଯ୍ୟକାରୀ ହେବା । ଏପ୍ରିଲ୍ ୧ ତାରିଖ୍ ଦିନ ରାଜ୍ୟର୍ ସବୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ଜନସଚେତନତା କରାଯାଇକରି ଲୁକ୍‌କୁ ସ୍ୱାସ୍ଥ୍ୟକାର୍ଡ଼ ବଂଟାଯିବା ।

ବୌଦ୍ଧ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ଜିଲ୍ଲା ନ ସ୍ୱାସ୍ଥ୍ୟକାର୍ଡ଼ ବାଂଟ୍‌ବାର୍ ଲାଗି ହେଇଥିବା ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କରିଛନ୍ ।

ଉଦନ୍ତୀ ମହୋତ୍ସବ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ଠାନେ ଉଦନ୍ତୀ ମହୋତ୍ସବ୍ -୨୦୨୫ ଆଏଜ୍ ଉଦ୍‌ଘାଟନ୍ ହେବା । ୩ ଦିନ୍ ଧରିକରି ହେବାର୍‌କେ ଥିବା ମହୋତ୍ସବ୍‌ଥି ଉନ୍ନୟନ୍ ପ୍ରଦର୍ଶନୀ, ଯୁବ ପ୍ରତିଭା ମାନ୍‌କୁ ପ୍ରୋତ୍ସାହନ୍, ଗାଁ ଇଲାକାର୍ ଯୁଆନ୍ ପିଲାମାନ୍‌କୁ ସାମିଲ୍ କରାଯାଇକରି ଆତ୍ମନିର୍ଭର୍‌ଶୀଲ୍ କରାଯିବାର୍ ଲାଗି ଚେରେଷ୍ଟା କରାଯାଉଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ରାଏଜେ ଦିନର୍ ତାତି ବଢ଼୍‌ବାର୍‌କେ ଲାଗିଛେ । ଆଏବା ୨୪ ଘଂଟା ଭିତ୍‌ରେ ଦିନର୍ ଆର୍ ରାତିର୍ ତାତି ଆହୁରି ୨ ନୁ ୩ ଡିଗ୍ରୀତକ୍ ଆଉ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ସମ୍ବଲ୍‌ପୁର୍ ଆଉ ଝାର୍‌ସୁଗୁଡ଼ା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ଖରାକେ ନେଇକରି ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ଝାର୍‌ସୁଗୁଡ଼ା ନ ୪୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ରାଜ୍ୟର୍ ୧୭ ଟା ସହରର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହିଥିଲା ।